# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୮.୨୦୨୨ ରିଖ

ସମୟ - ଅପରାହ୍ନ ଘ.୩.୦୦ ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାରପରସନ୍
୨. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୩. ଶ୍ରୀ ଅଜିତ୍ ବେହେରା,
୪. ସକିବା ମୁଶରତ୍,
୫. ଶ୍ରୀ ଆଶିଷ କୁମାର ପଟ୍ଟନାୟକ,
୬. ପୂଜା ବେହେରା,
୭. ଶ୍ରୀମତୀ ସୁଷମା ସାହୁ

ଅଦ୍ୟ ତା ୧୬.୦୮.୨୦୨୨ ରିଖ ଅପରାହ୍ନ ଘ.୩.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟାମାନଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଜାଗା ମିଶନ୍ ଯୋଜନାରେ ବସ୍ତିବାସିନ୍ଦା ମାନଙ୍କୁ Land Right Certificate ଦେବାପାଇଁ ଗଠିତ ହୋଇଥିବା କମିଟିରେ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର ମାନଙ୍କୁ ସଭ୍ୟ ଭାବେ ରଖିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜାଗା ମିଶନ୍ ଯୋଜନାରେ ହେବାକୁ ଥିବା କାର୍ଯ୍ୟ ଗୁଡ଼ିକ ପାଇଁ SDA ମାନେ ଯେଉଁ ରିଜୋଲ୍ୟୁସନ୍ କରୁଛନ୍ତି ସେଗୁଡ଼ିକ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କ ମାଧମରେ ଆସିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଜାଗା ମିଶନ୍ ଯୋଜନାରେ ଯେଉଁ କାର୍ଯ୍ୟ ଗୁଡ଼ିକ SDA ମାନଙ୍କ ଦ୍ୱାରା ସମ୍ପାଦନ ହେଉଅଛି । ସେସବୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କ ଜ୍ଞାତସାରରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ Non slum, out house କିମ୍ବା ଭଡ଼ାଘରେ ରହୁଥିବା ଗରିବ ଲୋକମାନଙ୍କୁ ଘର ଯୋଗାଇଦେବା ନିମନ୍ତେ Demand survey ଜନୈକ ଏଜେନ୍ସିଙ୍କ ଦ୍ୱାରା ହୋଇଥିଲା ଏବଂ ତାହାର ଏକ draft list ମଧ ହୋଇଥିଲା, ଏହି ତାଲିକାକୁ final list କରାଯାଇ କିମ୍ବା ଏହି draft list ଅନୁଯାୟୀ ଗରିବ ଲୋକମାନଙ୍କୁ ଘର ଯୋଗାଇ ଦେବାପାଇଁ କର୍ପୋରେସନରେ ଆଲୋଚନା କରି ନିଷ୍ପତି ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୨୧ ରେ ନିରଙ୍କାରୀ ନଗର SDA Committee ଜାଗା ମିଶନ୍ ଯୋଜନାରେ ଏକ କାର୍ଯ୍ୟ ପାଇଁ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କୁ ପୂର୍ବରୁ ନଜଣାଇ ଭିତିପ୍ରସ୍ତର ସ୍ଥାପନ ନିମନ୍ତେ ଜଣାଇଲେ ଯାହାକି ତାଙ୍କ ଅବଗତରେ ନଥିଲା ବୋଲି କର୍ପୋରେଟର ମହୋଦୟା କମିଟିଙ୍କୁ ଅବଗତ କରାଇଛନ୍ତି । ଏହିଭଳି କାର୍ଯ୍ୟ କର୍ପୋରେଟରଙ୍କ ଜ୍ଞାତସାରରେ ହେଉନଥିବାରୁ ତାହା ଠିକ୍ ହେଉନାହିଁ । ଏହା ଉପରେ କର୍ପୋରେସନରେ ଆଲୋଚନା କରି ନିଷ୍ପତି ନିଆଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 4.25 ମିନିଟ୍ ସମୟରେ ସଭା ଭଂଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୬.୦୮.୨୦୨୨ ରିଖ